# NATIONAL NEWS BULLETIN (ODIA)

**20 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ବିଭିନ୍ନ ପ୍ରକଳ୍ପ ର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ ।

- ସଶସ୍ତ୍ର ସୀମାବଳର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଜଣାଇଲେ ଅଭିନନ୍ଦନ

- ଭାରତ' ବିଶ୍ୱର ତୃତୀୟ ବୃହତ ଘରୋଇ ବେସାମରିକ ବିମାନ ଚଳାଚଳ ବଜାରରେ ପାଇଲା ସ୍ଥାନ

- ଆସାମର ହୋଜାଇ ଜିଲ୍ଲାରେ ଟ୍ରେନ୍ ଦୁର୍ଘଟଣାରେ ୭ଟି ହାତୀଙ୍କ ମୃତ୍ୟୁ ।

ଏବଂ

- ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ତାଙ୍କ ପତ୍ନୀଙ୍କୁ ୧୭ ବର୍ଷର କାରାଦଣ୍ଡାଦେଶ ଦେଲେ ପାକିସ୍ତାନ ଅଦାଲତ

## ପିଏମ୍-ଓ୍ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗର ନଦିଆ ଜିଲ୍ଲା ଅନ୍ତର୍ଗତ ତେହେରପୁରର ରାଣାଘାଟଠାରେ ଖରାପ ପାଗ ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହେଲିକପ୍ଟର ଅବତରଣ କରିପାରି ନାହିଁ । ହେଲିକପ୍ଟରଟି କୋଲକାତାସ୍ଥିତ

ଦୁମ୍‌ଦୁମ୍ ନେତାଜୀ ସୁଭାଷଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନ ବନ୍ଦରକୁ ଫେରିଆସିଛି ।

ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗ ସ୍ତରେ ଆସି ନଦିଆ ଜିଲ୍ଲାର ରାଣାଘାଟରେ ପ୍ରାୟ ୩ ହଜାର ୨୦୦ କୋଟି ଟଙ୍କାର ୨ଟି ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଶ୍ରୀ ମୋଦୀ ଏକ ଜନସମାବେଶକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ନଦୀଆ ଜିଲ୍ଲାରେ ୩୪ ନମ୍ବର ଜାତୀୟ ରାଜପଥର ୬୬ଦଶମିକ ୭ କିଲୋମିଟର ଲମ୍ବ ୪ ଲେନ୍ ବିଶିଷ୍ଟ ବରଜାଗୁଡ଼ି-କୃଷ୍ଣନଗର ସେକ୍ସନର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

ସେ ରାଜ୍ୟର ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ଜାତୀୟ ରାଜପଥ-୩୪ର ୧୭ ଦଶମିକ୍ ୬ କିଲୋମିଟର ଲମ୍ବ ବରସାତ୍-ବରଜାଗୁଲି ସେକ୍ସନର ଚାରି-ଲେନ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ପ୍ରକଳ୍ପଗୁଡ଼ିକ କୋଲକାତା ଏବଂ ସିଲିଗୁଡି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ସଡ଼କ ଭାବରେ କାର୍ଯ୍ୟ କରିବ। ଏହାଦ୍ୱାରା ଯାତ୍ରା ସମୟ ପ୍ରାୟ ଦୁଇ ଘଣ୍ଟା ହ୍ରାସ ପାଇବ। ଏହି ପ୍ରକଳ୍ପଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ସମଗ୍ର ଅଞ୍ଚଳରେ ପର୍ଯ୍ୟଟନର ଅଭିବୃଦ୍ଧିକୁ ଗତି ଦେବ ।

---

## ସଶସ୍ତ୍ର ସୀମାବଳ ପ୍ରତିଷ୍ଠା ଦିବସ

ଦେଶର ସୀମା ସୁରକ୍ଷା ପାଇଁ ସର୍ବଦା ଜାଗ୍ରତ ରହୁଥିବା  ସଶସ୍ତ୍ର ସୀମାବଳ ଆଜି ତାର ୬୨ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଯବାନମାନଙ୍କ ସାହସ, ସୌର୍ଯ୍ୟ ଓ ତ୍ୟାଗ  ପାଇଁ ଦେଶବାସୀ ସୁରକ୍ଷିତ ଜୀବନଯାପନ କରୁଛନ୍ତି। ସେମାନଙ୍କ ଦୃଢ଼

ମନୋବଳ ତଥା କର୍ତ୍ତବ୍ୟପରାୟଣ ଜାତୀୟ ସୁରକ୍ଷାର ସ୍ତମ୍ଭ ଭାବେ ଉଭା ହୋଇଛି ।

## ପିଏମ୍ ଏସ୍ଏସ୍ବି ଓ୍ଵିସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଶସ୍ତ୍ର ସୀମାବଳର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ସୁରକ୍ଷାକର୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସଶସ୍ତ୍ର ସୀମାବଳର ଯବାନମାନଙ୍କ ସେବା ଓ ବଳିଦାନ ପାଇଁ ଦେଶ ସୁରକ୍ଷିତ ରହିଛି । ସେମାନଙ୍କ ଦୃଢ଼ ମନୋବଳ ତଥା କର୍ତ୍ତବ୍ୟପରାୟଣ ଜାତୀୟ ସୁରକ୍ଷାର ସ୍ତମ୍ଭ ଭାବେ ଉଭା ହୋଇଛି । ଯବାନମାନେ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଅଭିଯାନ ଚଳାଇ ଦେଶର ସୁରକ୍ଷାକୁ ସୁନିଶ୍ଚିତ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଦେଶସେବାରେ ସେମାନେ ସର୍ବଦା ଜାଗ୍ରତ ରହିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଏହି ଅବସରରେ ଯବାନ ତଥା ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି । ଦେଶ ସଂକଟରେ ଗତି କରୁଥିବା ବେଳେ ଏହି ଯବାନମାନେ କାନ୍ଧରେ କାନ୍ଧ ମିଳାଇ ଦେଶକୁ ସୁରକ୍ଷା ଦେବାରେ ନିଜର କର୍ତ୍ତବ୍ୟପରାୟଣତା ଦେଖାଇଥାନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

## ଇଣ୍ଡିଆ-ଆଭିଏସନ୍

ଭାରତ ବିଶ୍ୱର ତୃତୀୟ ବୃହତ ଘରୋଇ ବେସାମରିକ ବିମାନ ଚଳାଚଳ ବଜାରରେ ସ୍ଥାନ ପାଇଛି । ଏ କ୍ଷେତ୍ରରେ ଦେଶରେ ତୀବ୍ର ଅଭିବୃଦ୍ଧି ଦେଖାଦେଇଛି । ବେସାମରିକ ଚଳାଚଳ ମନ୍ତ୍ରଣାଳୟର ସଚିବ ସମୀର କୁମାର ସିହ୍ନା କହିଛନ୍ତି, ୨୦୧୪ରେ  ଦେଶରେ ବିମାନ ଚଳାଚଳ ସଂଖ୍ୟା ୨୯୫

ରହିଥିବା ବେଳେ ଏହା ୨୦୨୫ ସୁଦ୍ଧା ୮୪୪ରେ ପହଞ୍ଚିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ବିଭାଗୀୟ ମହାନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଏକ ସେମିନାରରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି, ଗତ ୧୦ବର୍ଷ ପୂର୍ବରୁ ଦେଶ ମଧ୍ୟରେ ବର୍ଷକୁ ୯ ପ୍ରତିଶତ ଲୋକ ବିମାନରେ ଯାତ୍ରା କରୁଥିବା ବେଳେ ଏହା ଏବେ ୨ ଦଶମିକ ୯ ପ୍ରତିଶତକୁ ବୃଦ୍ଧି ପାଇଛି । ଯାତ୍ରୀମାନଙ୍କ ସୁରକ୍ଷା ତଥା ବିମାନ ଦୁର୍ଘଟଣା ଯେପରି ନ ହେବ, ସେଥିପ୍ରତି ସରକାର ଅଧିକ ଯତ୍ନଶୀଳ ହୋଇ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି ।

---

## ସିଭିଲ୍ ଆଭିଏସନ୍

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଘନ କୁହୁଡ଼ି ପାଇଁ ବିମାନ ସେବା ବାତିଲ ହେବା ପୂର୍ବରୁ ଯାତ୍ରୀମାନଙ୍କୁ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଛି । ମନ୍ତ୍ରଣାଳୟ କହିଛି, ବିମାନ ଚଳାଚଳର ସଠିକ୍ ସମୟ ଯାତ୍ରୀମାନଙ୍କୁ ପ୍ରଦାନ କରିବା ସହ ଉଡ଼ାଣରେ ବିଳମ୍ବ ହେଲେ ଯାତ୍ରୀମାନଙ୍କ ପାଇଁ ଟିକେଟ୍ ପୁନଃ ବୁକିଂ କରିବା ତଥା ବାତିଲ ହେଲେ ଅର୍ଥ ଫେରସ୍ତ କରିବା ଏବଂ ଆବଶ୍ୟକସ୍ଥଳେ ଖାଦ୍ୟ ଯୋଗାଇବା ଉପରେ ଧ୍ୟାନ ଦେବାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛି । ଦିବ୍ୟାଙ୍ଗ ଯାତ୍ରୀମାନଙ୍କ ପାଇଁ ବିମାନ ବନ୍ଦରରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଯାତ୍ରୀମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇବା ସରକାରଙ୍କ ପ୍ରାଥମିକତା ବୋଲି ମନ୍ତ୍ରଣାଳୟ କହିଛି ।

---

## ଭିପି-ତେଲଙ୍ଗାନା-ଏମ୍‌ପି

ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ୍ ଆଜିଠାରୁ ତେଲେଙ୍ଗାନା ଏବଂ ମଧ୍ୟପ୍ରଦେଶକୁ ଦୁଇ ଦିନିଆ ଗସ୍ତରେ ଯିବେ। ଆଜି ତାଙ୍କ ଗସ୍ତର ପ୍ରଥମ ଦିନରେ, ଉପରାଷ୍ଟ୍ରପତି

ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ଲୋକସେବା ଆୟୋଗର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀର ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଆସନ୍ତାକାଲି, ଶ୍ରୀ ରାଧାକୃଷ୍ଣନ୍ ନନ୍ଦୀଗାମର କାହ୍ନା ଶାନ୍ତି ବନମ୍‌ର ହାର୍ଟଫୁଲନେସ୍ ଗ୍ଲୋବାଲ୍ ମୁଖ୍ୟାଳୟରେ ବିଶ୍ୱ ଧ୍ୟାନ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ପରେ, ଅଟଳ ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗଦେବା ପାଇଁ ଉପରାଷ୍ଟ୍ରପତି ମଧ୍ୟପ୍ରଦେଶର ଇନ୍ଦୋର ଗସ୍ତ କରିବେ।

## ଭାରତ ଟ୍ରାକ୍ସି

ସରକାର ଆସନ୍ତା ନୂଆବର୍ଷରେ ଭାରତ ଟାକ୍ସି ଯୋଜନାର ଲୋକାର୍ପଣ କରିବେ । ଏହି ବ୍ୟବସ୍ଥା ଆରମ୍ଭ ହେବା ଫଳରେ ଯାତ୍ରୀମାନଙ୍କୁ ସହଜ ଓ ସୁଲଭ ମୂଲ୍ୟରେ ଯାତ୍ରା କରିବାକୁ ସୁବିଧା ମିଳିବ। ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଦୂରଦୃଷ୍ଟିସ୍ୱରୂପ ଏହି ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି । ଗାଡ଼ିର ମାଲିକ ହିଁ ଏହାର ଚାଳକ ଭାବେ କାର୍ଯ୍ୟ କରି ସରକାରଙ୍କ ବ୍ୟବସ୍ଥିତ ଲାଭାଂଶ ପାଇପାରିବେ ।

## ବଜେଟ୍-ମାଇ ଗଭ୍

ସରକାର ଆସନ୍ତା ୨୦୨୬-୨୭ ବଜେଟ୍ ପ୍ରସ୍ତୁତି ପୂର୍ବରୁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି । ସମାବେଶୀ ଅଭିବୃଦ୍ଧି, ଦେଶର ବିକାଶ ଓ ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଦୃଷ୍ଟିରେ ରଖି ଏହି ମତାମତ ମଗାଯାଇଛି । ଲୋକମାନେ ସେମାନଙ୍କର ପ୍ରସ୍ତାବ mygov.in ପୋର୍ଟାଲ୍‌ରେ ଦେଇପାରିବେ ।

## ନଡ୍ଡା-ହୁ ବିଲ୍ଡିଂ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ନୂଆଦିଲ୍ଲୀଠାରେ ନୂତନ ଭାବେ ଉଦ୍‌ଘାଟିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଦକ୍ଷିଣ-ପୂର୍ବ ଏସୀୟ ଆଞ୍ଚଳିକ କାର୍ଯ୍ୟାଳୟକୁ ବୁଲି ଦେଖିଛନ୍ତି । ସେଠାରେ ଶ୍ରୀ ନଡ୍ଡା ଦକ୍ଷିଣ-ପୂର୍ବ ଏସୀୟ ଆଞ୍ଚଳିକ ଦେଶର ମନ୍ତ୍ରୀଗଣ ତଥା ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଫଳରେ ଦକ୍ଷିଣ-ପୂର୍ବ ଏସୀୟ ଅଞ୍ଚଳର ବିଭିନ୍ନ ସ୍ୱାସ୍ଥ୍ୟ ସଂପର୍କିତ ସମସ୍ୟାଗୁଡ଼ିକର ସହଜରେ ସମାଧାନ ହୋଇପାରିବ । ଏହି ଅଟ୍ଟାଳିକା କେବଳ ଏକ ଭିତ୍ତିଭୂମି ନୁହେଁ, ବରଂ ଲୋକଙ୍କର ଆଶା, ଆକାଂକ୍ଷାର ଏକ ଶକ୍ତିଶାଳୀ ପ୍ରତୀକ ଭାବେ ଉଭା ହୋଇଛି । ଭାରତ ଆଞ୍ଚଳିକ ତଥା ବୈଶ୍ୱିକ ସ୍ୱାସ୍ଥ୍ୟ ସହଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ବୋଲି ସେ ଆଲୋକପାତ କରିଛନ୍ତି । ସମାଜରେ ଦେଖାଦେଉଥିବା ବିଭିନ୍ନ ବ୍ୟାଧିର ନିରାକରଣ ତଥା ସମସ୍ୟାଗୁଡ଼ିକର ମୁକାବିଲା କରିବାକୁ ସାମୂହିକ ଉଦ୍ୟମକୁ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

---

## ଆସାମ ଏଲିଫ୍ୟାଣ୍ଟ୍

ଆସାମର ହୋଜାଇ ଜିଲ୍ଲା ଅନ୍ତର୍ଗତ ସାଙ୍ଗଚୁରାଇ ଗ୍ରାମ ନିକଟରେ ହାତୀପଲ ରେଳଧାରଣା ପାର ହେଉଥିବା ବେଳେ ସାଇରନ୍ ନିଉଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ଧକ୍କା ଦେବାରୁ ୭ଟି ହାତୀଙ୍କର ମୃତ୍ୟୁ ହୋଇଥିବା ବେଳେ ଗୋଟିଏ ହାତୀ ଆହତ ହୋଇଥିବା ସୂଚନା ମିଳିଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଦୁର୍ଘଟଣାରେ ୫ଟି ବଗି ତଥା ରେଳ ଇଞ୍ଜିନ୍ ଲାଇନଚ୍ୟୁତ୍ ହୋଇଛି । ଏଥିରେ କୌଣସି ଯାତ୍ରୀ ଆହତ ହୋଇ ନଥିବା ଜଣାପଡ଼ିଛି । ଘନ କୁହୁଡ଼ି ଯୋଗୁଁ ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିବା ନେଇ ନଗାଓଁ ବନଉପଖଣ୍ଡ

ଅଧିକାରୀ ସୁହାସ କଦମ୍ ସୂଚନା ଦେଇଛଉନ୍ତି । ଗୁଆହାଟୀରୁ ୧୨୬ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି ।

## ଇମ୍ରାନ୍ ଖାଁ

ପାକିସ୍ତାନର ଏକ ଅଦାଲତ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏବଂ ତାଙ୍କ ପତ୍ନୀ ବୁସ୍ରା ବିବିଙ୍କୁ ୨ଟି ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରି ୧୭ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି । ସାଉଦିଆରବ ସରକାରଙ୍କ ପକ୍ଷରୁ ୨୦୨୧ରେ ଏହି ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପତ୍ନୀ ବିଭିନ୍ନ ଉପହାରଗୁଡ଼ିକ ବେଆଇନ ଭାବେ ଗ୍ରହଣ କରିଥିବାରୁ ସେମାନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ସ୍ୱତନ୍ତ୍ର ଅଦାଲତର ବିଚାରପତି ଶାହାରୁଖ୍ ଆର୍ଜୁମନ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଉଭୟଙ୍କୁ  ପୃଥକ୍ ଭାବେ ପାକିସ୍ତାନୀ ମୁଦ୍ରା ୧ କୋଟି  ୬୪ ଲକ୍ଷ ଟଙ୍କା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଅଭିଯୁକ୍ତ ଦ୍ୱୟ  ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବେ ।